## ଭୁବନେଶ୍ୱର ଆଇଆଇଟିର ନବମ ଅଧିଷ୍ଠାନ ଦିବସ,

# ସମୃଦ୍ଧି ସହ ଜାତୀୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ: କୋଟା ହରିନାରାୟଣ

ଭୁବନେଶ୍ୱର/ଜଟଣୀ,୨୨।୭ (ଇମିସ): ବିଜ୍ଞାନ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ଅଗ୍ରଗତି ହିଁ ଏକ ଦେଶ ତଥା ଜାତିର ସମୃଦ୍ଧିର ପଥ। ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ବିଭିନ୍ନ ସମ୍ବଳର ବିନିଯୋଗ କରି ଦେଶକୁ ସମୃଦ୍ଧ କରିବା ଜରୁରି। ସମୃଦ୍ଧି ସହ ସମ ପରିମାଣରେ ଜାତୀୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଜାତୀୟ ସୁରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ମଧ୍ୟ ବଡ଼ କଥା। ତେଣୁ ସୁପରସୋନିକ୍ ଯୁଦ୍ଧବିମାନ 'ତେଜସ୍'କୁ ଆହୁରି ବଳୀୟାନ୍ କରିବାକୁ ହେବ। ଏହାର ଇଂଜିନ୍ ନିର୍ମାଣ କରି ସମ୍ପୂର୍ଣ୍ଣ ଭାବେ

- **'ତେଜସ୍'କୁ ଆହୁରି ବଳୀୟାନ୍ କରିବାକୁ ଆହ୍ୱାନ**
- **ଚାଳକବିହୀନ ଯୁଦ୍ଧ ବିମାନ ନିର୍ମାଣ ପାଇଁ ଗବେଷଣା ଚାଲିଛି**

ଭାରତୀୟ ସ୍ୱଦେଶୀ ଜ୍ଞାନକୌଶଳର ପରିଚୟ ପ୍ରଦାନ କରିବାକୁ ହେବ। ଜାତୀୟ ସୁରକ୍ଷା ବାବଦରେ ଅଧିକ ବ୍ୟୟ କରିବାକୁ ହେବ। କାରଣ ଗୋଟିଏ ଦେଶର ବାୟୁସେନା ଯେତେ ଶକ୍ତିଶାଳୀ, ତାହାର ଜାତୀୟ ସୁରକ୍ଷା ସେତେ ସୁଦୃଢ଼। ତେଣୁ ଉଭୟ ଦେଶର ସମୃଦ୍ଧି ଓ ଜାତୀୟ ସୁରକ୍ଷା ଉପରେ ସମସ୍ତ ଆଇଆଇଟି ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଜରୁରି। ଆଜି ଭୁବନେଶ୍ୱର ଆଇଆଇଟିର ନବମ ପ୍ରତିଷ୍ଠାନ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଲ୍‌ସିଏ 'ତେଜସ୍'ର ଜନକ ପଦ୍ମଶ୍ରୀ କୋଟା ହରିନାରାୟଣ ଛାତ୍ରଛାତ୍ରୀମାନଙ୍କୁ ଏଭଳି ପ୍ରେରଣାଦାୟୀ ବକ୍ତୃତା ପ୍ରଦାନ କରିଛନ୍ତି।

ଓଡ଼ିଶା ମାଟିର ବରପୁତ୍ର ବ୍ରହ୍ମପୁର ଜନ୍ମିତ ତଥା ସୁପରସୋନିକ୍ ଲଢ଼ୁଆ ଯୁଦ୍ଧବିମାନର ମୁଖ୍ୟ ଡିଜାଇନର୍ ଶ୍ରୀ ହରିନାରାୟଣ ଆଇଆଇଟି ଛାତ୍ରଛାତ୍ରୀମାନଙ୍କୁ ନିଜର ଚିରାଚରିତ ହସ ହସ ଢଙ୍ଗରେ ଉଦ୍‌ବୋଧନ ଦେଇ କହିଲେ ଯେ ସେମାନେ ଶିକ୍ଷାଗ୍ରହଣ ପରେ ନିଯୁକ୍ତି ପଛରେ ନ ଗୋଡ଼ାଇ ନିଜର ଗବେଷଣା ଓ ଅନୁସନ୍ଧିତ୍ସା ବଳରେ ନିଯୁକ୍ତି ସୃଷ୍ଟି କରିବା ଦିଗରେ କାମ କରିବା ଉଚିତ୍। ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ସମ୍ବଳର ସୁବିନିଯୋଗ କରିବା ଦାୟିତ୍ୱ ଏବେ ଆଇଆଇଟି ଛାତ୍ରଛାତ୍ରୀମାନଙ୍କ ଉପରେ। ତେଣୁ ସେମାନଙ୍କଠାରୁ ଦେଶ ବହୁତ କିଛି ଚାହୁଁଛି। ଯୁଦ୍ଧବିମାନ 'ତେଜସ୍'ର ନିର୍ମାଣ ଉପରେ ବକ୍ତବ୍ୟ ରଖି ସେ କହିଲେ ଯେ ଇଂଜିନିୟରମାନଙ୍କ ଦୀର୍ଘ ୩୩ ବର୍ଷର କଠୋର ସାଧନା ଓ ନିଷ୍ଠା ଯୋଗୁଁ ଆଜି ଭାରତର ବାୟୁସେନା ସମଗ୍ର ୟୁରୋପୀୟ ଦେଶମାନଙ୍କ ସହ ସମକକ୍ଷ ହୋଇପାରିଛି। କେବଳ ଏହି ଯୁଦ୍ଧ ବିମାନର ଇଂଜିନ୍ ନିର୍ମାଣରେ ସ୍ୱଦେଶୀ ଜ୍ଞାନକୌଶଳ ପ୍ରୟୋଗ ବାକି ରହିଛି। ଏ ଦିଗରେ ଭାରତୀୟ ଇଂଜିନିୟରମାନେ ଲାଗି ପଡ଼ିଛନ୍ତି ଓ ଖୁବ୍ ଶୀଘ୍ର ସଫଳତା ମିଳିବ। ଏହାପରେ ଭାରତ ଆମେରିକାର ସମକକ୍ଷ ହୋଇପାରିବ ବୋଲି ସେ ସୂଚନା ଦେଇଥିଲେ। ଭବିଷ୍ୟତରେ ଚାଳକବିହୀନ ଯୁଦ୍ଧ ବିମାନ ନିର୍ମାଣ ପାଇଁ ଗବେଷଣା ଜାରି ରହିଛି ଓ ଏଥିରେ ବି ସଫଳତା ମିଳିବ ବୋଲି ସେ ଦୃଢ଼ ଆଶା ପୋଷଣ କରିଥିଲେ। ସେହିଭଳି ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ତେଜସ୍‌ରେ ବ୍ୟବହୃତ ସ୍ୱଦେଶୀ ଜ୍ଞାନକୌଶଳକୁ ବିନିଯୋଗ କରାଯାଇ ୧୦୦ ସିଟ୍ ବିଶିଷ୍ଟ ଛୋଟ ଯାତ୍ରୀବାହୀ ବିମାନ ନିର୍ମାଣ କରାଯିବାକୁ ଯୋଜନା କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ଏହା ସାଧାରଣ ବିମାନ ଅପେକ୍ଷା ଭଲ ସେବା ଯୋଗାଇବାରେ ସକ୍ଷମ ହେବ ବୋଲି ସେ ମତ ଦେଇଥିଲେ। ତେଣୁ ଏଣିକି ଯୁଦ୍ଧବିମାନ



କିଣିବା ପାଇଁ ଆଉ ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ଓ ଶତ୍ରୁଭୟ ମଧ୍ୟ ବେଶ୍ ହ୍ରାସ ପାଇଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜକୁମାର ସ୍ୱାଗତ ଭାଷଣ ଦେବା ସହ ଏହି ଔଦ୍ୟୋଗିକ ପ୍ରତିଷ୍ଠାନର କ୍ୟାମ୍ପସ୍ ପ୍ରାୟ ୮୫ ପ୍ରତିଶତ କାର୍ଯ୍ୟକ୍ଷମ ହୋଇପାରିଛି ବୋଲି ସୂଚନା ଦେଇଥିଲେ। ଡିନ୍ ପ୍ରଫେସର ଭିଆର୍ ପେଡିରେଡ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ଡ. ଏସ୍,ନ୍ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ୟାମ୍ପସ୍ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।